# କେତେ ନାଟ ଲଗାଇଛ କଳା ଶ୍ରୀମୁଖ

କେତେ ନାଟ ଲଗାଇଛ କଳା ଶ୍ରୀମୁଖ --୨
ଚଉଦ ଭୁବନେ ଶୁଭେ ମଣିମା ମଣିମା ଡାକ
ମଣିମା ମଣିମା ଡାକ ମଣିମା ମଣିମା ଡାକ
କେତେ ନାଟ ଲଗାଇଛ କଳା ଶ୍ରୀମୁଖ

କା ସାଥେ ବସିଲ ମିତ୍ର କା ପାଇଁ ନାଶିଲ ନକ୍ର --୨
କାହା ପାଇଁ ବ୍ୟାଧ ମାରି ଜଗତେ ରଖିଲ ଟେକ
କାରେ ଦେଇ କୋଟି ବସ୍ତ୍ର ହରିଲ ଦୁଃଖ
କେତେ ନାଟ ଲଗାଇଛ କଳା ଶ୍ରୀମୁଖ

କାହାକୁ କଲ ରାଜନ କା ଉଚ୍ଛିଷ୍ଟ କଲ ପାନ --୨
ଘଣ୍ଟ ଘୋଡାଇଣ ହରି ପକ୍ଷୀ ଜନ୍ମ କଲ ଧନ୍ୟ
କେଉଁ ନାରୀ ପାଦ ଧରି ହୋଇଲା ମୋକ୍ଷ
କେତେ ନାଟ ଲଗାଇଛ କଳା ଶ୍ରୀମୁଖ

କାହାର ଶରଣ ଯିବି ମୋ ଦୁଃଖ ଫେଡି କହିବି--୨
ଚକା ଆଖି ଥାଉଁ ଥାଉଁ ଆଉ କାରେ ଶୁଣାଇବି
ଜୀବନର ଯେତେ ଅଳି ଯାତନା ଦୁଃଖ
କେତେ ନାଟ ଲଗାଇଛ କଳା ଶ୍ରୀମୁଖ
ଚଉଦ ଭୁବନେ ଶୁଭେ ମଣିମା ମଣିମା ଡାକ
ମଣିମା ମଣିମା ଡାକ ମଣିମା ମଣିମା ଡାକ
କେତେ ନାଟ ଲଗାଇଛ କଳା ଶ୍ରୀମୁଖ -- ୨

-----------------

*ସୌଜନ୍ୟ - ଶ୍ରୀମତୀ ନମିତା ସାହୁ, ଅଷ୍ଟ୍ରେଲିଆ*

WWW.ORIYAMUSIC.COM